# NATIONAL NEWS BULLETIN (ODIA)

**4 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସଂସ୍କାରର ଗତିକୁ ତ୍ୱରାନ୍ୱିତ କରି ସରକାର ଆତ୍ମନିର୍ଭର ଭାରତର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛନ୍ତି, କହିଲେ ପ୍ରଧାନମନ୍ତ୍ରୀ

- ଅଣପାରମ୍ପରିକ ବିପଦ ବିଶ୍ୱରେ ସୁରକ୍ଷା ବ୍ୟବସ୍ଥାକୁ ଜଟିଳ କରୁଛି, କହିଛନ୍ତି ପ୍ରତିରକ୍ଷାମନ୍ତ୍ରୀ

- ସେବି ର ପୂର୍ବତନ ଅଧ୍ୟକ୍ଷଙ୍କ ବିରୋଧରେ ମାମଲା ରୁଜୁ ଉପରେ ରହିତାଦେଶ ଜାରି କଲେ ବମ୍ବେ ହାଇକୋର୍ଟ

- ଚଳିତମାସ ୨୯ ତାରିଖରୁ ଆୟୋଜନ ହେବ ଦ୍ୱିତୀୟ ଏସୀୟ ଯୋଗାସନ ଚମ୍ପିୟାନ୍‌ସିପ

ଏବଂ

- ଆଇସିସି ଚମ୍ପିୟାନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ୍‌ରେ ଆଉ କିଛିସମୟ ପରେ ମୁହାଁମୁହିଁ ହେବେ ଭାରତ ଓ ଅଷ୍ଟ୍ରେଲିଆ ।

---

## ପିଏମ୍-ଓ୍ୱେବିନାର

ଆତ୍ମନିର୍ଭର ଭାରତର ଲକ୍ଷ୍ୟ ନେଇ ସରକାର କାର୍ଯ୍ୟ କରୁଛନ୍ତି ଏବଂ ସଂସ୍କାରର ଗତିକୁ ତ୍ୱରାନ୍ୱିତ କରାଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

କହିଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ସଂସ୍କାର, ଆର୍ଥିକ ଶୃଙ୍ଖଳା, ସ୍ୱଚ୍ଛତା ଏବଂ ସମାବେଶୀ ଅଭିବୃଦ୍ଧି ପାଇଁ ଦେଶ କ୍ରମାଗତ ଭାବରେ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଆଜି ବଜେଟ୍ ପରବର୍ତ୍ତୀ ୱେବିନାର୍‌କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଦେଶ ଅଭିବୃଦ୍ଧି, ଉତ୍ପାଦନ, ରପ୍ତାନୀ ଏବଂ ପରମାଣୁ ଶକ୍ତିର ଇଞ୍ଜିନ ଭାବରେ ଉଭା ହୋଇଛି ।

**V/O (PM)**

ପ୍ରଧାନମନ୍ତ୍ରୀ କହିଛନ୍ତି ସରକାରଙ୍କ ନିରନ୍ତର ପ୍ରୟାସ ଯୋଗୁଁ କୋଭିଡର ପ୍ରଭାବ ଆମ ଅର୍ଥନୀତିକୁ ଅଧିକ କ୍ଷତି ପହଞ୍ଚାଇ ପାରିନାହିଁ, ଯାହାଫଳରେ ଭାରତ ଏକ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ ହୋଇଛି । ସେ କହିଛନ୍ତି ବିଶ୍ୱର ବିଭିନ୍ନ ଦେଶ ଭାରତ ସହିତ ସେମାନଙ୍କର ଅର୍ଥନୈତିକ ଭାଗିଦାରୀକୁ ସୁଦୃଢ଼ କରିବାକୁ ଚାହୁଁଛନ୍ତି । ଅର୍ଥନୀତିରେ MSME ର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏହା ବଡ଼ ପରିବର୍ତ୍ତନୀକାରୀର ଭୂମିକା ଗ୍ରହଣ କରିଛନ୍ତି । **V/O (PM)**

---

# ମହା-ମିନିଷ୍ଟର ରେଜିଗ୍‌ନେସନ

ମହାରାଷ୍ଟ୍ରର ଖାଦ୍ୟ, ବେସାମରିକ, ଯୋଗାଣ ଓ ଖାଉଟି ସୁରକ୍ଷା ମନ୍ତ୍ରୀ ଧନଞ୍ଜୟ ମୁଣ୍ଡେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସଙ୍କୁ ଇସ୍ତଫାପତ୍ର ଦେଇଛନ୍ତି। ଆଜି ବିଧାନଭବନରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ଶ୍ରୀ ଫଡନବିସ୍ କହିଛନ୍ତି ଯେ ସେ ଶ୍ରୀ ମୁଣ୍ଡେଙ୍କ ଇସ୍ତଫାକୁ ଗ୍ରହଣ କରିଛନ୍ତି ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନଙ୍କ ନିକଟକୁ ପଠାଇଚନ୍ତି । ବିଡ୍ ଜିଲ୍ଲାର ମାସାଯୋଗ ଗ୍ରାମର

ସରପଞ୍ଚ ସନ୍ତୋଷ ଦେଶମୁଖଙ୍କ ହତ୍ୟାକାଣ୍ଡରେ ଶ୍ରୀ ମୁଣ୍ଡେଙ୍କ ଜଣେ ଘନିଷ୍ଠ ସହଯୋଗୀ ସଂପୃକ୍ତ ଥିବା ଘଟଣା ପଦାକୁ ଆସିବା ପରେ ସେ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି । ବିରୋଧୀ ଦଳଗୁଡ଼ିକ ମଧ୍ୟ ଏହି ଘଟଣାରେ ମୁଣ୍ଡେଙ୍କ ଇସ୍ତଫା ଦାବି କରୁଥିଲେ ।

# ରାଜନାଥ ଡିଆରଡିଓ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି ହାଇବ୍ରିଡ୍ ଯୁଦ୍ଧ, ସାଇବର ଏବଂ ମହାକାଶଭିତ୍ତିକ ପ୍ରତିବନ୍ଧକ ଭଳି ଅଣପାରମ୍ପରିକ ବିପଦ ସୁରକ୍ଷା ବ୍ୟବସ୍ଥା ପ୍ରତି ଆହ୍ୱାନ ସୃଷ୍ଟି କରୁଛି । ଆଭ୍ୟନ୍ତରୀଣ ଏବଂ ବାହ୍ୟ ନିରାପତ୍ତା ମଧ୍ୟରେ ଏଗୁଡ଼ିକର ଉପସ୍ଥିତି ସମଗ୍ର ବିଶ୍ୱରେ ସୁରକ୍ଷା ବ୍ୟବସ୍ଥାକୁ ଜଟିଳ କରୁଛି ବୋଲି ସେ କହିଛନ୍ତି । ଆଜି ନୂଆଦିଲ୍ଲୀରେ **ଆଭ୍ୟନ୍ତରୀଣ ନିରାପତ୍ତା ପାଇଁ ଉନ୍ନତ ଜ୍ଞାନକୌଶଳ** ଶୀର୍ଷକ ଆଲୋଚନାରେ ଯୋଗଦେଇ ଶ୍ରୀ ସିଂ କହିଛନ୍ତି, ଆତଙ୍କବାଦ, ବାମପନ୍ଥୀ ଉଗ୍ରବାଦ ଏବଂ ବିଭିନ୍ନ ଅଞ୍ଚଳର ନିଜସ୍ୱ ପ୍ରସଙ୍ଗ ଗୁଡ଼ିକର ମୁକାବିଲା ଜରୁରୀ ହୋଇପଡ଼ିଛି । ଏ କ୍ଷେତ୍ରରେ ସମସ୍ତ ଅନୁଷ୍ଠାନଗୁଡ଼ିକ ପରସ୍ପର ସହ ଯେଭଳି ମିଳିତ ଭାବେ କାର୍ଯ୍ୟ କରିପାରିବେ, ସେ ଦିଗରେ ସରକାର ପ୍ରୟାସ କରୁଛନ୍ତି ।

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ-ଡିଆରଡିଓ ର ଅବଦାନକୁ ପ୍ରଶଂସା କରି ଶ୍ରୀ ସିଂ କହିଛନ୍ତି ସଂଗଠନ ଦ୍ୱାରା ଅନେକ ବିଶେଷ ଜ୍ଞାନକୌଶଳ ବିକଶିତ କରାଯାଇଛି ଏବଂ ଦେଶର ସୁରକ୍ଷା ସଂସ୍ଥାଗୁଡ଼ିକର ଆଧୁନିକୀକରଣ କ୍ଷେତ୍ରରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଛି ।

## ମହା-ହାଇକୋର୍ଟ ବୁଚ୍

ଭାରତୀୟ ନିରାପତ୍ତା ଓ ବିନିମୟ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ମାଧବୀ ପୁରୀ ବୁଚ୍ ଏବଂ ସେବି ଓ ବମ୍ବେ ଷ୍ଟକ ଏକ୍ସଚେଞ୍ଜ ଅଧିକାରୀଙ୍କ ବିରୁଦ୍ଧରେ ସ୍ୱତନ୍ତ୍ର ଅଦାଲତଙ୍କ ଆଦେଶ ଉପରେ ବମ୍ବେ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି । ପୂର୍ବରୁ ସ୍ୱତନ୍ତ୍ର PMLA ଅଦାଲତ ଦୁର୍ନୀତି ନିବାରଣ ବ୍ୟୁରୋକୁ ସେମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ବିରୋଧରେ ସେବିର ପୂର୍ବତନ ଅଧ୍ୟକ୍ଷ ମାଧବୀ ବୁଚ୍ ଏବଂ ଅନ୍ୟ ଦୁଇଜଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ଏହି ସ୍ଥଗିତାଦେଶ ପ୍ରଦାନ କରାଯାଇଛି ।

ସୂଚନାଯୋଗ୍ୟ, ୧୯୯୪ ମସିହାରେ BSE ରେ ଏକ କମ୍ପାନୀକୁ ତାଲିକାଭୁକ୍ତ କରିବାରେ ଅନିୟମିତତା ଅଭିଯୋଗରେ ସେବିର ପୂର୍ବତନ ଅଧ୍ୟକ୍ଷ ମାଧବୀ ବୁଚ୍ ଓ ଅନ୍ୟ ୫ ଜଣଙ୍କ ବିରୁଦ୍ଧରେ ଏତଲା ଦାୟର କରିବାକୁ ସ୍ୱତନ୍ତ୍ର ଅଦାଲତ ଆଦେଶ ଦେଇଥିଲେ ।

---

## ଟ୍ରମ୍ପ -ଟାରିଫ୍

ଚୀନ୍, ମେକ୍ସିକୋ ଏବଂ କାନାଡାର ଆମଦାନୀ ଉପରେ ଆମେରିକାର ଶୁଳ୍କ ଆଜିଠାରୁ ଲାଗୁ ହୋଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡା ଓ ମେକ୍ସିକୋ ଉପରେ ୨୫ ପ୍ରତିଶତ ଏବଂ ଚୀନ୍ ଉପରେ ୨୦ ପ୍ରତିଶତ ଶୁଳ୍କ ଘୋଷଣା କରିଥିଲେ । ଅନ୍ୟପକ୍ଷରେ କାନାଡା କହିଛି ଯେ, ୧୫୦ ବିଲିୟନ୍ ଡଲାର ମୂଲ୍ୟର ଆମେରିକୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଯିବ । ଚୀନ୍ ମଧ୍ୟ

ଆମେରିକାର କୃଷି ଆମଦାନୀ ଉପରେ ୧୦ ରୁ ୧୫ ପ୍ରତିଶତ ଶୁଳ୍କ ଘୋଷଣା କରିବା ସହ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରସ୍ତୁତ ହେଉଥିବା ବେଳେ ମେକ୍ସିକୋ ମଧ୍ୟ ପଦକ୍ଷେପ ନେବାକୁ ଚିନ୍ତା କରୁଛି ।

ଆମେରିକା ରାଷ୍ଟ୍ରପତି କହିଛନ୍ତି, ଆମଦାନୀ ଟିକସ ବୃଦ୍ଧି ହେବା ଫଳରେ କାନାଡା ଓ ମେକ୍ସିକୋକୁ ବେଆଇନ ନିଶାଦ୍ରବ୍ୟ ଏବଂ ପ୍ରବାସୀମାନଙ୍କୁ ରୋକିବା ପାଇଁ ପଦକ୍ଷେପ ନେବାକୁ ବାଧ କରିବ ।

ଅନ୍ୟପକ୍ଷରେ ଏଭଳି ଶୁଳ୍କ ନେଇ ଏକପ୍ରକାର ବାଣିଜ୍ୟିକ ଯୁଦ୍ଧର ସମ୍ଭାବନା ଥିବାରୁ ଆମେରିକୀୟ ଉପଭୋକ୍ତାମାନେ ଦୈନନ୍ଦିନ ଆବଶ୍ୟକତା ସମେତ ଇଲେକ୍‌ଟ୍ରୋନିକ୍ସ ଓ ଅଟୋ ମୋବାଇଲ୍ ଉତ୍ପାଦ ପାଇଁ ଅଧିକ ବ୍ୟୟ ଭାର ବହନ କରିବ ।

---

# ଏସିଆନ୍ ଯୋଗାସନ ଚମ୍ପିୟାନ୍‌ସିପ୍

ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ ଯୋଗାସନ ଭାରତର ମିଳିତ ସହଯୋଗରେ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱିତୀୟ ଏସୀୟ ଯୋଗାସନ ଚମ୍ପିୟାନ୍‌ସିପ୍ ଆୟୋଜନ କରିବେ । ଚଳିତମାସ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଆରେନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ୧୬ଟି ରୁ ଅଧିକ ଦେଶ ଅଂଶ ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଯୋଗାସନର ସମୃଦ୍ଧ ଐତିହ୍ୟ ଏବଂ ସାଂସ୍କୃତିକ ମହତ୍ତ୍ୱକୁ ଆନ୍ତର୍ଜାତିକ ମଞ୍ଚରେ ଏକ କ୍ରୀଡ଼ା ଭାବରେ ଉପସ୍ଥାପିତ କରିବା । କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଯୋଗର ବିଶ୍ୱରେ ପ୍ରସାର କ୍ଷେତ୍ରରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ କହିଛନ୍ତି । ସେ କହିଛନ୍ତି, ଏହି ପ୍ରତିଯୋଗିତା ଭାରତର ପ୍ରାଚୀନ ଜ୍ଞାନକୁ ଏକ ଆଧୁନିକ ପ୍ରତିଯୋଗିତା ମୂଳକ କ୍ରୀଡ଼ାରେ ପରିଣତ କରିବା ପାଇଁ ଲକ୍ଷ୍ୟ

ରଖାଯାଇଛି । ଅଲିମ୍ପିକ୍ସ କାଉନ୍‌ସିଲ୍ ଅଫ୍ ଏସିଆ, ବିଶ୍ୱ ଯୋଗାସନ, ଏସୀୟ ଯୋଗାସନ ଏବଂ ଯୋଗାସନ ଇନ୍ଦ୍ରପ୍ରସ୍ଥ ଭଳି ଅନୁଷ୍ଠାନ ଗୁଡ଼ିକ ଏହି ପ୍ରତିଯୋଗିତାକୁ ସମର୍ଥନ କରୁଛନ୍ତି ।

## ଇସିଆଇ-କନ୍‌ଫରେନ୍ସ

ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ନିର୍ବାଚନ ଆୟୋଗ ଆଜିଠାରୁ ଏକ ଦୁଇ ଦିନିଆ ବୈଠକରେ ଯୋଗଦେବେ । ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସିକ୍ ଆଣ୍ଡ ଇଲେକ୍‌ସନ୍ ମ୍ୟାନେଜ୍‌ମେଣ୍ଟ ଠାରେ ଏହି ବୈଠକର ଆୟୋଜନ କରାଯାଇଛି । ଜ୍ଞାନେଶ କୁମାର ମୁଖ୍ୟ ନିର୍ବାଚନ ଆୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ହେଉଛି ପ୍ରଥମ ବୈଠକ । ନିର୍ବାଚନ ପରିଚାଳନାରେ ରହିଥିବା ଆହ୍ୱାନ ଏବଂ ଅନୁଭୂତି ଗୁଡ଼ିକ ଉପରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ନିର୍ବାଚନ ଅଧିକାରୀ ମତ ବିନିମୟ କରିବେ । ଏ କ୍ଷେତ୍ରରେ ପାରସ୍ପରିକ ଶିକ୍ଷା ପାଇଁ ଏହା ଏକ ମଞ୍ଚ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଏହି ବୈଠକରେ ଆଧୁନିକ ପ୍ରଯୁକ୍ତି ବିଦ୍ୟା ଉପଯୋଗ ମାଧ୍ୟମରେ ନିର୍ବାଚନ ପରିଚାଳନା, ଯୋଗାଯୋଗ ଏବଂ ସାମାଜିକ ଗଣମାଧ୍ୟମର ପ୍ରଚାର-ପ୍ରସାରର ଭୂମିକା ଉପରେ ଆଲୋଚନା ହେବ ବୋଲି ଜଣାପଡ଼ିଛି ।

## ପିଏମ୍ ବେଲ୍‌ଜିୟମ୍ ପ୍ରିନ୍‌ସେସ୍

ଭାରତ ଗସ୍ତରେ ଆସିଥିବା ବେଲ୍‌ଜିୟମ୍ ରାଜକୁମାରୀ ଆଷ୍ଟ୍ରିଡ୍ ଆଜି ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ଆଲୋଚନା କରିବେ । ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ସେ ଭାରତ ଗସ୍ତରେ ରହିବେ । ରାଜକୁମାରୀ ଆଷ୍ଟ୍ରିଡ୍ ଓ ବେଲ୍‌ଜିୟମ୍ ପ୍ରତିରକ୍ଷା ମନ୍ତ୍ରୀ ଥିଓ

ଫ୍ରାଙ୍କେନ୍, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସହ ଗତକାଲି ଆଲୋଚନା କରିଛନ୍ତି । ଦ୍ୱିପାକ୍ଷିକ ପ୍ରତିରକ୍ଷା ଶିଳ୍ପ ସହଯୋଗ ପ୍ରସଙ୍ଗ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ପ୍ରତିରକ୍ଷା କ୍ଷେତ୍ରରେ ବେଲ୍‌ଜିୟମ୍‌ର ପୁଞ୍ଜିନିବେଶ ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ସ୍ୱାଗତ କରିଛନ୍ତି । ବେଲ୍‌ଜିୟମ୍ କମ୍ପାନୀ ଗୁଡ଼ିକ ଭାରତରେ ନିବେଶ କରିବା ସହ ଯୋଗାଣ ଶୃଙ୍ଖଳରେ ସାମିଲ ହୋଇ ବ୍ୟବସାୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି । ଉଭୟ ଦେଶ ଏକ ସ୍ଥାୟୀ ତଥା ସଂସ୍ଥାଗତ ପ୍ରତିରକ୍ଷା ସହଯୋଗର ମାର୍ଗ ଉନ୍ମୋଚନ କରିବାକୁ ସହମତ ହୋଇଛନ୍ତି ।

## ଜୟଶଙ୍କର-ୟୁକେ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଆଜିଠାରୁ ବ୍ରିଟେନ୍ ଏବଂ ଆୟରଲାଣ୍ଡକୁ ସରକାରୀ ଗସ୍ତରେ ଯିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଦିଆଯାଇଥିବା ସୂଚନା ଅନୁଯାୟୀ ଭାରତ ଏବଂ ବ୍ରିଟେନ୍ ମଧ୍ୟରେ ଏକ ସମନ୍ୱିତ ରଣନୈତିକ ଭାଗିଦାରୀ ରହି ଆସିଛି । ସେହିଭଳି ପ୍ରତିରକ୍ଷା, ସୁରକ୍ଷା, ବାଣିଜ୍ୟ, ଅର୍ଥନୀତି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜନସମ୍ପର୍କ ଭଳି ବିବିଧ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଦ୍ୱିପକ୍ଷିୟ ସମ୍ପର୍କ ସଶକ୍ତ ହୋଇଛି । ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ତାଙ୍କର ବ୍ରିଟେନ୍ ପ୍ରତିପକ୍ଷ ଡେଭିଡ୍ ଲାମିଙ୍କ ସମେତ ବ୍ରିଟେନ୍‌ର ଅନ୍ୟାନ୍ୟ ନେତୃବୃନ୍ଦଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ସେହିଭଳି ଆୟରଲାଣ୍ଡକୁ ଦୁଇଦିନିଆ ଗସ୍ତରେ ଯାଇ ଡକ୍ଟର ଜୟଶଙ୍କର ତାଙ୍କର ସ୍ଥାନୀୟ ପ୍ରତିପକ୍ଷ ସାଇମର ହ୍ୟାରିସ୍‌ଙ୍କ ସମେତ ଅନ୍ୟାନ୍ୟ

ନେତୃବୃନ୍ଦଙ୍କ ସହିତ ଆଲୋଚନା କରିବେ । ଭାରତ ଏବଂ ଆୟରଲାଣ୍ଡ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସାଂସ୍କୃତିକ ସମ୍ପର୍କ ଏବଂ କ୍ରମବର୍ଦ୍ଧିଷ୍ଣୁ ଅର୍ଥନୈତିକ ବ୍ୟବସ୍ଥା ଭିତ୍ତିକ ଏକ ବନ୍ଧୁତ୍ୱପୂର୍ଣ୍ଣ ଦ୍ୱିପକ୍ଷିୟ ସମ୍ପର୍କ ରହି ଆସିଛି । ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ସେଠାରେ ବସବାସ କରୁଥିବା ଭାରତୀୟ ବଂଶୋଦ୍ଭବଙ୍କ ସହିତ ମଧ୍ୟ ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

---

## ଆଇସିସି ଚମ୍ପିୟାନ୍ସ ଟ୍ରଫି

ଆଇସିସି ଚମ୍ପିୟାନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ୍‌ରେ ଆଜି ଅପରାହ୍ନ ୨ଟା ୩୦ ମିନିଟ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ହେବ । ଭାରତର ସ୍ପିନର୍‌ମାନେ ଦଳରେ ନିଜର କ୍ଷମତା ସାବ୍ୟସ୍ତ କରିଥିବାରୁ ଆଜିର ମ୍ୟାଚ୍‌ରେ ବୋଲିଂ ସଫଳ ରହିବ ବୋଲି ଅନୁମାନ କରାଯାଉଛି । ବାଂଲାଦେଶ ଓ ପାକିସ୍ତାନ ବିପକ୍ଷରେ ବିଜୟ ପରେ ନିଉଜିଲ୍ୟାଣ୍ଡକୁ ପରାସ୍ତ କରିବା ଭାରତ ପାଇଁ ବୋଲିଂ ସଫଳତା ଦେଇଥିବା କ୍ରିକେଟ୍ ବିଶେଷଜ୍ଞମାନେ କହିଛନ୍ତି । ଦୁବାଇରେ ଖେଳାଯାଇଥିବା ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ୪୪ ରନ୍‌ରେ ନ୍ୟୁଜିଲ୍ୟାଣ୍ଡକୁ ପରାସ୍ତ କରିଛି । ଏହି ବିଜୟ ସହ ଭାରତ ଗ୍ରୁପ୍-ଏ ର ତିନୋଟିଯାକ ମ୍ୟାଚ୍‌ରେ ବିଜୟ ହାସଲ କରି ପଏଣ୍ଟ ତାଲିକାର ଶୀର୍ଷରେ ରହିଛି ।

ଅପରପକ୍ଷରେ ଅଷ୍ଟ୍ରେଲିଆ ଷ୍ଟିଭ୍ ସ୍ମିଥ୍‌ଙ୍କ ଅଧିନାୟକତ୍ୱରେ ଉତ୍ତମ ପ୍ରଦର୍ଶନ କରୁଛି । ଆସନ୍ତାକାଲି ଆଇସିସି ଚମ୍ପିୟାନ୍ସ ଟ୍ରଫିର ଦ୍ୱିତୀୟ ସେମିଫାଇନାଲ୍‌ରେ ନ୍ୟୁଜିଲ୍ୟାଣ୍ଡ୍’ ଲାହୋରଠାରେ ଦକ୍ଷିଣ ଆଫ୍ରିକା ସହ

ମ୍ୟାଚ୍ ଖେଳିବ । ଆଜି ଏବଂ ଆସନ୍ତାକାଲିର ବିଜେତାଙ୍କ ମଧ୍ୟରେ ରବିବାର ଦିନ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।